# ସମ୍ବଲପୁରର ଗାନ୍ଧୀ-ନୃସିଂହ ଗୁରୁ

ରାମାନୁଜ ପଣ୍ଡା

ସେତେବେଳର କଥା ଭାରତର ଜନମାନସରେ ନବ ଜାଗରଣର ସୃଷ୍ଟି ହୋଇସାରିଥିଲା । ଜନସାଧାରଣ ଇଂରେଜ ସରକାର ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କରୁଥିଲେ । ମହାତ୍ମା ଗାନ୍ଧୀ ଦେଶର ରାଜନୈତିକ ଆଶା ଭରସାର କେନ୍ଦ୍ରବିନ୍ଦୁ ହୋଇ ସାରିଥିଲେ । ତାଙ୍କର ଆହ୍ୱାନକୁ ଆବାଳବୃଦ୍ଧବନିତା ପାଳନ କରିବା ପାଇଁ ଅପେକ୍ଷା କରୁଥିଲେ । ନୃସିଂହ ଗୁରୁ ସେତେବେଳକୁ କୈଶୋର ଅବସ୍ଥାର ସୁକୋମଳ ଚଞ୍ଚଳ ବାଳକଟିଏ । ସ୍ଥାନୀୟ ଜିଲ୍ଲା ସ୍କୁଲରେ ଛାତ୍ର ଥିଲେ । ଭାରତର ରାଜନୈତିକ ପରିସ୍ଥିତି ସେତେବେଳେ ତାଙ୍କ ହୃଦୟ ଭିତରେ ଭୀଷଣ ଆଲୋଡନ ସୃଷ୍ଟି କରୁଥିଲା । ସ୍ୱାଧୀନତାର ଆଶା ତାଙ୍କ ମନ ଭିତରେ ଅଙ୍କୁରୋଦ୍‌ଗମ ହୋଇ ସାରିଥିଲା । ବାଳକ ନୃସିଂହ ଗୁରୁ ତାଙ୍କ ସହପାଠୀମାନଙ୍କ ସହ ସ୍କୁଲର ଛାତ୍ରମାନଙ୍କ ମଧ୍ୟରେ ଅସହଯୋଗ ଆନ୍ଦୋଳନ,ତଥା ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରୁଥାନ୍ତି । ନୃସିଂହ ଗୁରୁଙ୍କ ଜଣେ ସହପାଠୀ ଜଗନ୍ନାଥ ମିଶ୍ର କଂଗ୍ରେସ ବାର୍ତ୍ତା ପ୍ରଚାର କରିବାରେ ଅଗ୍ରଣୀ ଥିଲେ । ୧୯୨୧ ମସିହା ଜାନୁୟାରୀ ୨ ତାରିଖ ଦିନ ଭାରତର ସ୍ୱାଧୀନତା ସଂଗ୍ରାମରେ ଏକ ଉଲ୍ଲେଖନୀୟ ଘଟଣା ସମ୍ବଲପୁରେ ସଂଘଟିତ ହୋଇଥିଲା । ଉକ୍ତ ଦିନ ନୃସିଂହ ଗୁରୁଙ୍କ ବ୍ୟତୀତ ଜଗନ୍ନାଥ ମିଶ୍ର,ଅରୁଣ ଦାସ,ମହମ୍ମଦ ହୁସେନ,ଅବଦୁଲ ମଜିଦ,ଚନ୍ଦ୍ରଶେଖର ପାଣିଗ୍ରାହୀ, ବେନିମାଧବ ସୂପକାର,ଗୌରୀଶଙ୍କର ସାହାଣୀ ଆଦି ଛାତ୍ରମାନଙ୍କ ନେତୃତ୍ୱରେ ସ୍ଥାନୀୟ ବୁଢାରଜା ପାହାଡର ପାଦଦେଶରେ ଛାତ୍ରମାନଙ୍କର ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା ଛାତ୍ରମାନଙ୍କ ମଧ୍ୟରେ ଏକ ନୂତନ ଉନ୍ମାଦନା ସୃଷ୍ଟି ହୋଇଥିଲା । ପୂର୍ବରୁ ସାରା ଭାରତରେ କୌଣସି ପ୍ରାନ୍ତର ସ୍କୁଲ ଛାତ୍ରମାନେ କସ୍ମିନ କାଳେ ମଧ ସ୍ୱାଧୀନତାର ଆଶା ନେଇ ଏପରି ଉନ୍ମାଦନା ଅନୁଭବ କରିନଥିଲେ । ଛାତ୍ରମାନଙ୍କ ସଭାରେ ଭାରତର ସ୍ୱାଧୀନତା ଆନ୍ଦୋଳନ,ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ଆନ୍ଦୋଳନ ପ୍ରଭୃତି ସମ୍ପର୍କରେ ଗରମା ଗରମ ଆଲୋଚନା ହୋଇଥିଲା । ଛାତ୍ରମାନେ ସ୍ଥିର କଲେ ସ୍କୁଲ ବର୍ଜନ କରି ଅସହଯୋଗ ଆନ୍ଦୋଳନରେ ଯୋଗଦାନ କରିବେ ଏବଂ ଦେଶର ମୁକ୍ତି ସଂଗ୍ରାମରେ ନିଜକୁ ସାମିଲ କରିବେ । ତା'ପରଦିନ ପୂର୍ବ ନିର୍ଦ୍ଧାରିତ ପ୍ରସ୍ତାବ ଅନୁଯାୟୀ ସ୍କୁଲ ବର୍ଜନ କରି ଇତିହାସ ସୃଷ୍ଟି କରିଥିଲେ । ମୁକ୍ତି ସଂଗ୍ରାମୀ ଛାତ୍ରମାନେ ସହରଯାକ ପରିକ୍ରମା କରି ସୁପ୍ତ ଜନସାଧାରଣଙ୍କ ମଧ୍ୟରେ ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପ୍ରଚାର କଲେ । ଏହା ଏକ ଅଭିନବ ଘଟଣା ଥିଲା ଏବଂ ସମଗ୍ର ଦେଶରେ ଏହା ଚହଳ ପକାଇ ପାରିଥିଲା । ଦେଶର ବଡ ବଡ ସମ୍ବାଦ ପତ୍ରରେ ପ୍ରକାଶ ପାଇବାରୁ ସ୍ୱାଧୀନତା ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନେଇଥିବା ଅଞ୍ଚଳର ନେତୃସ୍ଥାନୀୟ ଲୋକଙ୍କୁ ସ୍ୱତନ୍ତ୍ର କରିଥିଲା । ଏହି ଯୁଗାନ୍ତକାରୀ ଘଟଣାର ନେତୃତ୍ୱ ଦେବାର ସୌଭାଗ୍ୟ ଅର୍ଜନ କରି ନୃସିଂହ ଗୁରୁ ଇତିହାସ ସୃଷ୍ଟି କରିଛନ୍ତି ।

ଜାତୀୟ ଆନ୍ଦୋଳନରେ ଯୋଗଦାନ କରି ସ୍କୁଲ ଛାଡିଥିବା ଛାତ୍ର ମାନଙ୍କର ଭରଣପୋଷଣ ଓ ଶିକ୍ଷାଦାନର ବ୍ୟବସ୍ଥା ଦାୟିତ୍ୱ ଚନ୍ଦ୍ରଶେଖର ବେହେରା ନେଇଥିଲେ । ସମ୍ବଲପୁରରେ ଏକ ଜାତୀୟ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ବହୁ ବିଶିଷ୍ଟ ବ୍ୟକ୍ତି ଜାତୀୟ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ସ୍କୁଲ ଛାତ୍ରମାନଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ସ୍ୱାଧିନତା ଆନ୍ଦୋଳନର ଗୁରୁତ୍ୱ ଏବଂ ଭାରତର ରାଜନୈତିକ ଘଟଣାବଳୀ ସମ୍ପର୍କରେ ଧାରଣା ଦେବା ପାଇଁ ନୃସିଂହ ଗୁରୁ ଏକ ସମିତି ଗଠନ କରିଥିଲେ । ସ୍କୁଲ ପରିଚାଳନା ଦାୟିତ୍ୱରେ ଥିବା ନେତୃମଣ୍ଡଳୀଙ୍କ ମଧରେ ମନୋମାଳିନ୍ୟ ଘଟିବା ଫଳରେ ପଣ୍ଡିତ ନୀଳକଣ୍ଠ ଦାସ,ଭଗୀରଥ ମିଶ୍ର ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ସ୍କୁଲ ପରିତ୍ୟାଗ କରି ଚାଲିଗଲେ । ଫଳରେ ଛାତ୍ରମାନେ ନିରୁତ୍ସାହିତ ହୋଇ ନିଜ ନିଜ ବ୍ୟବସ୍ଥା କଲେ । ନୃସିଂହ ଗୁରୁ ସେତେବେଳକୁ ସ୍ୱାଧୀନତା ଆନ୍ଦୋଳନରେ ପୂର୍ଣ୍ଣରୂପେ ଝାସଦେଇ ସାରିଥିଲେ । ତାଙ୍କ ନିକଟରେ ଏକମାତ୍ର ପଥ ଥିଲା ସ୍ୱାଧୀନତା ହାସଲ । ସେଥିପାଇଁ ସେ ମୁକ୍ତିପଥର ଯାତ୍ରୀ ହେବାକୁ ଶ୍ରେୟ ମଣିଲେ । ସେ ଆଉ ସ୍କୁଲକୁ ଫେରିଲେ ନାହିଁ । ଶିକ୍ଷା ତାଙ୍କର ଅସମାପ୍ତ ରହିଲା । କଂଗ୍ରେସରେ ଯୋଗ ଦେଇ ବିଶିଷ୍ଟ ନେତୃବୃନ୍ଦଙ୍କର ସହଯୋଗୀ ହେଲେ । ମହାତ୍ମା ଗାନ୍ଧୀଙ୍କର ଆଦର୍ଶ ନିକଟରେ ନିଜକୁ ସଂପୂର୍ଣ୍ଣ ରୂପେ ସମର୍ପଣ କଲେ । ସତ୍ୟ ଓ ଅହିଂସାକୁ ଜୀବନର ବ୍ରତ ରୂପେ ଗ୍ରହଣ କଲେ । ସରଳ ଜୀବନ ଯାପନ ,ପରୋପକାର, ସମାଜସଂସ୍କାର, ନିଶାନିବାରଣ ଆଦି ତାଙ୍କର କାର୍ଯ୍ୟକ୍ରମର ଅଂଶ ବିଶେଷ ହେଲା ।

ସ୍ୱାଧୀନତା ଆନ୍ଦୋଳନ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଥିଲା । ମହାତ୍ମା ଗାନ୍ଧୀଙ୍କ ଡାକରାରେ ଉଦ୍‌ବୁଦ୍ଧ ହୋଇ ନୃସିଂହ ଗୁରୁ ମଧ ପ୍ରତ୍ୟେକ ପର୍ଯ୍ୟାୟ ଏବଂ ପ୍ରତ୍ୟେକ କାର୍ଯ୍ୟକ୍ରମରେ ସମ୍ବଲପୁରକୁ ନେତୃତ୍ୱ ଦେବାର ଗୌରବ ଅର୍ଜନ କରିଛନ୍ତି । ଖଦୀର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରିବା ଭାରତୀୟ ମୁକ୍ତି ସଂଗ୍ରାମର ଏକ ଅଂଶ ବିଶେଷ ଥିଲା । ଖଦୀ ଆନ୍ଦୋଳନର ନେତୃତ୍ୱ କୃତାର୍ଥ ଆଚାର୍ଯ୍ୟ, ବୃନ୍ଦାବନ ଗୁରୁଙ୍କ

ସହ ନୃସିଂହ ଗୁରୁ ମଧ ନେଇଥିଲେ । ସେ ଶାସନ ନିକଟବର୍ତ୍ତୀ ଷଣାସିଂହା ଗ୍ରାମରେ ଏକ ଖଦୀ କେନ୍ଦ୍ର ସ୍ଥାପନ କରିଥିଲେ । ଏଥିପାଇଁ ଚରଖା ସଂଘଠାରୁ ଆର୍ଥିକ ସାହାଯ୍ୟ ମଧ ପାଇଥିଲେ । କିନ୍ତୁ ସ୍ୱାଧୀନତା ଆନ୍ଦୋଳନରେ ବ୍ୟସ୍ତତା ହେତୁ ଏବଂ ତାଙ୍କ ନିକଟରେ ବ୍ୟବସାୟୀର ଚରିତ୍ର ନଥିବାରୁ ସେ ଉକ୍ତ ଖଦୀ କେନ୍ଦ୍ରକୁ ଦୀର୍ଘ ସମୟ ଧରି ପରିଚାଳନା କରିବାରେ ବିଫଳ ହୋଇଥିଲେ । ସମ୍ବଲପୁର ଜିଲ୍ଲାରେ ନିଶା ନିବାରଣ ଆନ୍ଦୋଳନର ସଫଳତା ଏକ ଐତିହାସିକ ଘଟଣା ଅଟେ । ନୃସିଂହ ଗୁରୁ ଏବଂ ତାଙ୍କର ଅନ୍ୟ ସହକର୍ମୀଙ୍କ ଉଦ୍ୟମ ଫଳରେ ୧୯୨୮-୨୯ ଗୋଟାଏ ବର୍ଷ ମଧରେ ସମଗ୍ର ସମ୍ବଲପୁର ଜିଲ୍ଲାରେ ସବୁ ମଦଭାଟି ବନ୍ଦ ହୋଇ ଯାଇଥିଲା । ଠିକାଦାରମାନେ ଅନ୍ୟ ଉପାୟ ନଦେଖି ଲାଇସେନ୍ସ ଫେରାଇ ଦେଇଥିଲେ । ରାଜସ୍ୱ ଆଦାୟ କମିଯିବା ହେତୁ ଏବଂ ଆନ୍ଦୋଳନକୁ ଦମନ କରି ନପାରିବା ହେତୁ ତତ୍କାଳୀନ ଡେପୁଟୀ କମିଶନର ଜନଷ୍ଟନ ସାହେବ ସସ୍‌ପେଣ୍ଡ ହୋଇଥିଲେ । ଆଇନ ଅମାନ୍ୟ ଆନ୍ଦୋଳନ ଓ ଭାରତଛାଡ ଆନ୍ଦୋଳନରେ ଅଂଶ ଗ୍ରହଣ କରି ସମ୍ବଲପୁରକୁ ୰ଗୁରୁ ନେତୃତ୍ୱ ଦେଇଥିଲେ ଏବଂ ବିଭିନ୍ନ ସମୟରେ ଗିରଫ ହୋଇ ଅଢେଇ ବର୍ଷ କାଳ ଜେଲଦଣ୍ଡ ଭୋଗିଛନ୍ତି । । ଦଳିତ ଓ ନିଷ୍ପେସିତ ଜନସାଧାରଣଙ୍କ ସେବକ ଭାବରେ ସୁନାମ ଅର୍ଜନ କରିଥିଲେ । ହରିଜନ ମାନଙ୍କର ଉନ୍ନତି କଳ୍ପେ ସେ ହରିଜନ ସେବକ ସଂଘ ଗଠନ କରିଥିଲେ । ହରିଜନ ଛାତ୍ରମାନଙ୍କର ରହିବା ପାଇଁ ଏକ ଛାତ୍ରାବାସ ସ୍ଥାପନ କରିଥିଲେ । ଠକ୍କରବାପା ଉକ୍ତ ଛାତ୍ରବାସକୁ ପରିଦର୍ଶନ କରି ୰ ଗୁରୁଙ୍କୁ ଉତ୍ସାହ ପ୍ରଦାନ କରିଥିଲେ ।

ସ୍ୱାଧୀନତା ଆନ୍ଦୋଳନ ସମୟରେ ଓଡିଶାରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ମଧ ଆନ୍ଦୋଳନ ଜନସାଧାରଣଙ୍କର ତରଫରୁ ଚାଲିଥାଏ । ନୃସିଂହ ଗୁରୁ ମଧ ଏଥିରେ ସକ୍ରୀୟ ଭୂମିକା ଗ୍ରହଣ କରିଥିଲେ । ସେ ଚନ୍ଦ୍ରଶେଖର ବେହେରା, ବାଲୁକେଶ୍ୱର ମିଶ୍ର, ବାଳମୁକୁନ୍ଦ ବହିଦାର, ବୋଧରାମ ଦୁବେ, ଭଗବାନ ମିଶ୍ର ଆଦି ନେତୃବୃନ୍ଦଙ୍କ ସହ ବିଚ୍ଛିନ୍ନାଞ୍ଚଳ ଗସ୍ତ କରି ଜନମତ ସୃଷ୍ଟି କରୁଥିଲେ ।

ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ତଥା କର୍ଣ୍ଣଧାର ଚନ୍ଦଶେଖର ବେହେରାଙ୍କର ଅତିପ୍ରିୟ ପାତ୍ର ଥିଲେ ନୃସିଂହ ଗୁରୁ । ସ୍ୱର୍ଗତ ଚନ୍ଦ୍ରଶେଖର ବେହେରା ନୃସିଂହ ଗୁରୁଙ୍କର ପ୍ରେରଣା ଦାତା ଓ ରାଜନୈତିକ ଅଭିଭାବକ ତଥା ପରାମର୍ଶ ଦାତା ଥିଲେ । ଚନ୍ଦ୍ରଶେଖର ବେହେରାଙ୍କର ଭାଷାରେ ନୃସିଂହ ଗୁରୁ ଥିଲେ 'ଗୁଟାରଙ୍ଗେ' ଗାନ୍ଧୀ । ଆଣ୍ଠୁ ପର୍ଯ୍ୟନ୍ତ ଚାରି ହାତିଆ ଖଦଡ ଓ କାନ୍ଧରେ ଦୁଇହାତିଆ ଖଦଡ ଗାମୁଛା । ପ୍ରକୃତରେ ନୃସିଂହ ଗୁରୁଙ୍କର ଶାରିରୀକ ଆକୃତି, ଚାଲିଚଲଣ ତଥା କାର୍ଯ୍ୟକ୍ରମ ଗୁଡିକ ବହୁ କ୍ଷେତ୍ରରେ ଗାନ୍ଧିଜୀଙ୍କ ସହ ସାମଞ୍ଜସ୍ୟ ଥିଲା । ସେଥିପାଇଁ ସେ ସମ୍ବଲପୁରର ଗାନ୍ଧୀ ଭାବରେ ପରିଚିତ ଥିଲେ । ତାଙ୍କ ଦର୍ଶନରେ ଗାନ୍ଧୀ ଦର୍ଶନର ସୌଭାଗ୍ୟ ମିଳୁଥିଲା । ତାଙ୍କ ବ୍ୟବହାର ଆମାୟିକ, ସରଳ ଓ ନମ୍ର ଥିଲା । କିନ୍ତୁ ସେ ବିପ୍ଲବୀ ଥିଲେ । ସେ ଆଜୀବନ ମୁକ୍ତି ସଂଗ୍ରାମୀ ଥିଲେ । ତାଙ୍କର ପରିଧାନ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଥିଲା । ସେ କେବେ ଜୋତା ବ୍ୟବହାର କରୁନଥିଲେ । ବିଦେଶୀ ଜିନିଷର ବର୍ଜନ ସମୟରେ ଚିନିର ବ୍ୟବହାର ସାରା ଜୀବନ ପାଇଁ ଛାଡିଥିଲେ । ସେ ଥିଲେ ସ୍ୱଦେଶ ପ୍ରେମୀ । ସ୍ୱଦେଶୀ ଜିନିଷର ଆଦର କରୁଥିଲେ ଏବଂ ତାହାର ବ୍ୟବହାର ପାଇଁ ପ୍ରେରଣା ଦେଉଥିଲେ ।

ଦୈନିକ "ସମାଜ"ର ସାମ୍ବାଦିକ ଭାବରେ ସେ ଆଜୀବନ ରହିଥିଲେ । ତାଙ୍କର ଉଦ୍ୟମରେ ସମ୍ବଲପୁର ତଥା ପଶ୍ଚିମ ଓଡିଶାରେ "ସମାଜ"ର ବ୍ୟାପକ ପ୍ରସାର ଓ ପ୍ରଚାର ହୋଇ ପାରିଥିଲା । ସେ ଜଣେ ବୟୋବୃଦ୍ଧ, ନିର୍ଭୀକ ତଥା ପୋଖତ ସାମ୍ବାଦିକ ଥିଲେ । ଯେଉଁ "ସମାଜ" ଅନୁଷ୍ଠାନ ପାଇଁ ସେ ତାଙ୍କର ଜୀବନକୁ ଉତ୍ସର୍ଗ କରିଥିଲେ ସେହି ଅନୁଷ୍ଠାନ ତାଙ୍କର ପରିଣତ ବୟସରେ ଯେଭଳି ଆଚରଣ ପ୍ରଦର୍ଶନ କରିଥିଲା ସେଥିରେ ସମ୍ବଲପୁରବାସୀ ସ୍ତବ୍ଧ ହୋଇଯାଇଥିଲେ । ଅପମାନ ଓ ଗ୍ଲାନୀରେ ତାଙ୍କର ଶେଷ ଜୀବନ କଟିଥିଲା । ସ୍ଥାନୀୟ କୋଶଳ ଭବନଠାରେ ନୂତନ ବର୍ଷ ଅବସରରେ ସାମ୍ବାଦିକମାନଙ୍କ ତରଫରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାର ଉତ୍ତରରେ ସେ କହିଥିଲେ, ଆଉ କହିବାର ସ୍ପୃହା ନାହିଁ । ସଚ୍ଚୋଟ ସାମ୍ବାଦିକ ଭାବରେ ଅପମାନିତ ଜୀବନଯାପନ କରିବା ପରିବର୍ତ୍ତେ ମୃତ୍ୟୁବରଣ କରିବା ଶ୍ରେୟସ୍କର । ଆଶ୍ଚର୍ଯ୍ୟର କଥା ଯେ ଠିକ ତା ପରଦିନ ଜାନୁୟାରୀ ୨ ତାରିଖ ୧୯୮୪ରେ ତାଙ୍କର ଦେହାନ୍ତ ହୋଇଥିଲା । ସତେଯେପରି ସେ ଇଚ୍ଛାମୃତ୍ୟୁ ବରଣ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା